The Odisha Gazette

EXTRAORDINARY

PUBLISHED BY AUTHORITY

No. 1721 CUTTACK, FRIDAY, SEPTEMBER 6, 2019/BHADRA 15, 1941

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ.

## ଅଧିସୂଚନା

No. 20602--RDM-LAC-KNJ-0022/2019-R&DM., Dated. 20-07-2019

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୂଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଅତାସାହି**, ଥାନା - ଘଷିପୁରା ସଂ- ୬୧ , ତହସିଲ- ଘଷିପୁରା, ଜିଲ୍ଲା - କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୦.୫୨** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ |

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, କେନ୍ଦୁଝର ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନ ର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ |

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲା ପାଳ, ଆନନ୍ଦପୁର ।

୬- ଜମି ର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟର କବା | ଅଧିସୂଚୀତଜମି ରରକବା | ରୟତ୍ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘଷିପୁରା | ଅତାସାହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ **୦.୯୭** | ଏ **୦.୫୨** | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଲପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରା ଯାଇ ପାରିବ ନାହିଁ ।

# LAND SCHEDULE

| କ୍ର :ନଂ | ଖାତା ନଂ | ଜମି ମାଲିକଙ୍କ ନାମ – ଜାତି , ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୬୨ | ଗୌରାଙ୍ଗ ନାହାକ, ପି- ବନମାଳି ନାହାକ, ଧର ନାହାକ, ପି- ରାମ ନାହାକ, ରଘୁ ସାହୁ, ପି- ଲକ୍ଷ୍ମଣ ସାହୁ, ଫଂଗୁ ସାହୁ, ବିକଳ ସାହୁ, ପି- ସପନ ସାହୁ, ମିଛୁ ନାହାକ, ନକୁଳ ନାହାକ, ଶଙ୍କି ସାହୁ, ମାଳି ସାହୁ, ପି- ଲକ୍ଷ୍ମଣ ସାହୁ, ଭରତ ନାହାକ, ପି- ବିକଳ ନାହାକ, ରଘୁ ନାହାକ, ପଗୁ ନାହାକ, ନସୁ ନାହାକ, ପି- ରଙ୍ଗ ନାହାକ, ଭାଇଗା ନାହାକ, ପି- ତିଳ ନାହାକ, ଧନି ସାହୁ, ପି- ଭିମ ସାହୁ, କୁରୁପ ସାହୁ, କରୁଣା ସାହୁ, ପି- ରତନ ସାହୁ, ଜଗବନ୍ଧୁ ସାହୁ, ପି- ମଧୁ ସାହୁ, ହଗର ସାହୁ,  ବିକଳ ସାହୁ, ପି- ନିଶାକର ସାହୁ, ଚିନ୍ତାମଣି ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | ୩୧୪୨ | ଶାରଦ - ୨ | ୦.୬୧ | ୦.୧୬ |

| | | | | | | |
|---|---|---|---|---|---|---|
| ୨ | ୧୯୦ | ବୋଧି ସାହୁ, ପି- ଦଧି ସାହୁ, ମାୟା ସାହୁ, ପି- ଧନି ସାହୁ, ଚୌତନ୍ୟ ସାହୁ, ପି- କୃର୍ତି ସାହୁ, ସାଧୁ ସାହୁ, ପି – ରଘୁ ସାହୁ, କିର୍ତନ ସାହୁ, ଚୌତନ୍ୟ ସାହୁ, କାଶିନାଥ ସାହୁ, ପି- ରାମ ସାହୁ, ନିଶାକର ସାହୁ, ପି- ଭଗି ସାହୁ, ନିଶାକର ନାଏକ, ପି- ସଦା ନାଏକ, ପାର୍ବତୀ ନାଏକ, ସ୍ୱା- ଶୁକ ନାଏକ, ପାତୀ ସାହୁ, କେଲୁଣୀ ସାହୁ, ପି- ଶୁକ ସାହୁ, ଅମୃତ ନାହାକ, ଫକିର ନାହାକ, ଭାଇଗ ନାହାକ, ପି- ଧନୀ ନାହାକ, ଚଡେଇ ନାଏକ, ପି- ଅଇଁଠୁ  ସାହୁ, ଫଗୁ ସାହୁ, ପି- ରତନ ସାହୁ, ଜା- ଗୁଡିଆ, ଚିନ୍ତାମଣୀ ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | ୩୧୪୩ | ଶାରଦ - ୨ | ୦.୩୬ | ୦.୩୬ |
| | | | | | ମୋଟ ଅଧିଗ୍ରହଣ ରକବା ଏ | ୦.୫୨ |

ରାଜ୍ୟପାଳଙ୍କ ଆଦେଶକ୍ରମେ

**ଅଭୟ କୁମାର ନାୟକ**

ଅତିରିକ୍ତ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1052—173+30